# ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ
## ଶ୍ରୀରାମ ଚନ୍ଦ୍ର ବିହାର, ତକତପୁର, ବାରିପଦା-୭୫୭୦୦୩, ମୟୂରଭଞ୍ଜ

==========================================================

ସଂଖ୍ୟା: 3438 /ପୁସ୍ତକାଳୟ/ ୨୦୨୬ ତା: 22-07-2026

## ବିଜ୍ଞପ୍ତି

**ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ**ର **କେନ୍ଦ୍ରୀୟ ପୁସ୍ତକାଳୟ** ସହ ସଂଲଗ୍ନ "ଲିଖିତ ତାଳପତ୍ର ପାଣ୍ଡୁଲିପି ସଂଗ୍ରହ, ସଂରକ୍ଷଣ ଓ ଗବେଷଣା କେନ୍ଦ୍ର"ର କାର୍ଯ୍ୟକ୍ଷମତା ଓ ସଂଗ୍ରହ କ୍ଷମତା ବୃଦ୍ଧି କରାଯାଉଛି।ଯେଉଁ ସମସ୍ତ ସଂସ୍ଥା, ଅନୁଷ୍ଠାନ କିମ୍ବା ବ୍ୟକ୍ତିଙ୍କ ନିକଟରେ ଲିଖିତ ତାଳପତ୍ର ପାଣ୍ଡୁଲିପି କିମ୍ବା ଏହିପରି ଐତିହ୍ୟବାହୀ ଜ୍ଞାନସମ୍ପଦ ଦଲିଲ ସଂରକ୍ଷିତ ଅଛି, ସେମାନଙ୍କୁ ସେଗୁଡ଼ିକର ଯଥାଯଥ ସଂରକ୍ଷଣ, ସମ୍ବର୍ଦ୍ଧନ, ଗବେଷଣା ଏବଂ ଦଲିଲୀକରଣ ନିମନ୍ତେ ଉକ୍ତ କେନ୍ଦ୍ରକୁ ଦାନ କରିବା ପାଇଁ ସବିନୟ ଅନୁରୋଧ କରାଯାଉଛି।ଆଗ୍ରହୀ ସଂସ୍ଥା କିମ୍ବା ବ୍ୟକ୍ତିବିଶେଷ ଅଧିକ ସୂଚନା ଓ ଆବଶ୍ୟକୀୟ ପ୍ରକ୍ରିୟା ସମ୍ପର୍କରେ ଜାଣିବା ପାଇଁ **କୁଳସଚିବଙ୍କ କାର୍ଯ୍ୟାଳୟ** କିମ୍ବା **କେନ୍ଦ୍ରୀୟ ପୁସ୍ତକାଳୟ** ସହ ଯୋଗାଯୋଗ କରିପାରିବେ।ଏହି ବିଜ୍ଞପ୍ତି ସମ୍ବନ୍ଧୀୟ ବିସ୍ତୃତ ସୂଚନା ବିଶ୍ୱବିଦ୍ୟାଳୟର ସରକାରୀ ୱେବସାଇଟ www.mscbu.ac.in ରେ ଉପଲବ୍ଧ ଅଛି। ମୋବାଇଲ ନଂ.- ୯୬୫୮୮୪୭୬୪୭

22/07/26
ରେଜିଷ୍ଟ୍ରାର
ଏମ୍.ଏସ୍.ସି.ବି. ବିଶ୍ୱବିଦ୍ୟାଳୟ

**ସ୍ମାରକ ସଂଖ୍ୟା:** 3437 / ପୁସ୍ତକାଳୟ/ ୨୦୨୬ **ତା:** 22-07-2026

ପ୍ରତିଲିପି କୁଳପତିଙ୍କ ବ୍ୟକ୍ତିଗତ ସହାୟକ /ରେଜିଷ୍ଟ୍ରାରଙ୍କ ଷ୍ଟେନୋ/ ନିର୍ଦ୍ଦେଶକ, କେନ୍ଦ୍ରୀୟ ପୁସ୍ତକାଳୟ/ ଅର୍ଥ ନିୟନ୍ତ୍ରକ/ ହିସାବ ଶାଖା-୧/ ୱେବସାଇଟ୍‌ର ଦାୟିତ୍ୱପ୍ରାପ୍ତ ପ୍ରଫେସର/ ନୋଟିସ ବୋର୍ଡ, ଏମ୍.ଏସ୍.ସି.ବି. ବିଶ୍ୱବିଦ୍ୟାଳୟଙ୍କୁ ସୂଚନା ଓ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଉଛି।

22/07/26
ରେଜିଷ୍ଟ୍ରାର
ଏମ୍.ଏସ୍.ସି.ବି. ବିଶ୍ୱବିଦ୍ୟାଳୟ

# କେନ୍ଦ୍ରୀୟ ପୁସ୍ତକାଳୟ

# <u>ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ</u>

### ଲିଖିତ ତାଳପତ୍ର ପାଣ୍ଡୁଲିପି ସଂଗ୍ରହ, ସଂରକ୍ଷଣ ଓ ଗବେଷଣା କେନ୍ଦ୍ର

# ପାଣ୍ଡୁଲିପି/ତାଳପତ୍ର ପୋଥି ଦାନ ନିର୍ଦ୍ଦେଶାବଳୀ

## ୧. ଉଦ୍ଦେଶ୍ୟ

ଭାରତୀୟ ତଥା ଓଡ଼ିଶାର ପ୍ରାଚୀନ ଜ୍ଞାନ, ସାହିତ୍ୟ, ସଂସ୍କୃତି, ଇତିହାସ ଓ ପାରମ୍ପରିକ ଐତିହ୍ୟକୁ ସଂରକ୍ଷଣ, ଗବେଷଣା ଓ ଭବିଷ୍ୟତ ପିଢ଼ି ପାଇଁ ଉପଲବ୍ଧ କରାଇବା ନିମନ୍ତେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର କେନ୍ଦ୍ରୀୟ ପୁସ୍ତକାଳୟ ସହ ସଂଲଗ୍ନ "ଲିଖିତ ତାଳପତ୍ର ପାଣ୍ଡୁଲିପି ସଂଗ୍ରହ, ସଂରକ୍ଷଣ ଓ ଗବେଷଣା କେନ୍ଦ୍ର" ପକ୍ଷରୁ ପାଣ୍ଡୁଲିପି ଓ ତାଳପତ୍ର ପୋଥି ସଂଗ୍ରହ କରାଯାଉଛି।

## ୨. ଦାନ ପାଇଁ ଗ୍ରହଣୀୟ ସାମଗ୍ରୀ

ନିମ୍ନଲିଖିତ ଐତିହ୍ୟବାହୀ ଦଲିଲ/ସାମଗ୍ରୀ ଦାନ କରାଯାଇପାରିବ:

- ତାଳପତ୍ର ପାଣ୍ଡୁଲିପି (Palm Leaf Manuscripts)
- ହସ୍ତଲିଖିତ ପୁସ୍ତକ
- ପୁରାତନ ଗ୍ରନ୍ଥ ଓ ଦଲିଲ
- ଧାର୍ମିକ, ସାହିତ୍ୟିକ, ବୈଜ୍ଞାନିକ, ଐତିହାସିକ ଓ ପାରମ୍ପରିକ ଜ୍ଞାନ ସମ୍ବନ୍ଧୀୟ ପାଣ୍ଡଲିପି
- ଅନ୍ୟାନ୍ୟ ଦୁର୍ଲଭ ଐତିହ୍ୟ ସମ୍ପଦ

## ୩. ଦାନ ପ୍ରକ୍ରିୟା

- ଦାତା ପ୍ରଥମେ ପାଣ୍ଡୁଲିପି ସମ୍ବନ୍ଧୀୟ ପ୍ରାଥମିକ ସୂଚନା କେନ୍ଦ୍ରୀୟ ପୁସ୍ତକାଳୟକୁ ପ୍ରଦାନ କରିବେ।
- ଆବଶ୍ୟକ ହେଲେ ପାଣ୍ଡୁଲିପିର ଫଟୋଗ୍ରାଫ/ସ୍କାନ କପି ଦାଖଲ କରାଯାଇପାରିବ।
- ବିଶେଷଜ୍ଞଙ୍କ ଦ୍ୱାରା ପ୍ରାଥମିକ ଯାଞ୍ଚ ପରେ ଦାନ ଗ୍ରହଣ କରାଯିବ।
- ଦାନ ଗ୍ରହଣ ପରେ ଦାତାଙ୍କୁ ଏକ ଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯିବ।

## ୪. ସଂରକ୍ଷଣ ଓ ବ୍ୟବହାର

ଦାନ କରାଯାଇଥିବା ପାଣ୍ଡୁଲିପିଗୁଡ଼ିକୁ:

- ବୈଜ୍ଞାନିକ ପଦ୍ଧତିରେ ସଂରକ୍ଷଣ କରାଯିବ।
- ଆବଶ୍ୟକତା ଅନୁସାରେ ଡିଜିଟାଇଜେସନ କରାଯିବ।
- ଗବେଷକ, ଛାତ୍ରଛାତ୍ରୀ ଓ ଅନୁସନ୍ଧାନକାରୀଙ୍କ ଉପଯୋଗ ପାଇଁ ନିୟମାନୁସାରେ ଉପଲବ୍ଧ କରାଯିବ।

## ୫. ଯୋଗାଯୋଗ

ଲିଖିତ ତାଳପତ୍ର ପାଣ୍ଡୁଲିପି ସଂଗ୍ରହ, ସଂରକ୍ଷଣ ଓ ଗବେଷଣା କେନ୍ଦ୍ର
କେନ୍ଦ୍ରୀୟ ପୁସ୍ତକାଳୟ,ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ,
ତକତପୁର, ବାରିପଦା-୭୫୭୦୦୩
ମୋବାଇଲ ନଂ.: ୯୭୫୮୪୬୬୪୬

# ପାଣ୍ଡୁଲିପି/ତାଳପତ୍ର ପୋଥି ଦାନ ଆବେଦନ ଫର୍ମ

**(Manuscript/Palm Leaf Pothi Donation Form)**

## ଦାତାଙ୍କର ସାଧାରଣ ବିବରଣୀ

୧. ଦାତାଙ୍କ ନାମ: ....................................................................................

୨. ପିତା/ମାତା/ସ୍ୱାମୀ/ପରିବାରର ମୁଖ୍ୟଙ୍କ ନାମ (ଯଦି ପ୍ରୟୋଜନୀୟ):.................................

....................................................................................

୩. ସଂସ୍ଥା/ଅନୁଷ୍ଠାନର ନାମ (ଯଦି ଥାଏ):....................................................................................

୪. ସମ୍ପୂର୍ଣ୍ଣ ଠିକଣା:

ଗ୍ରାମ/ସହର: ..........................................................

ଜିଲ୍ଲା: ..........................................................

ରାଜ୍ୟ: ..........................................................

ପିନ୍ କୋଡ୍: ..........................................................

୫. ମୋବାଇଲ ନମ୍ବର:....................................................................................

୬. ଇ-ମେଲ (ଯଦି ଥାଏ):....................................................................................

## ପାଣ୍ଡୁଲିପି/ତାଳପତ୍ର ପୋଥିର ବିବରଣୀ

ପାଣ୍ଡୁଲିପି ବିଷୟବସ୍ତୁ, ପାଣ୍ଡୁଲିପିର ଭାଷା , ପତ୍ର ସଂଖ୍ୟା ଆନୁମାନିକ କାଳ
୧
୨
୩

**ପାଣ୍ଡୁଲିପିର ବର୍ତ୍ତମାନ ସ୍ଥିତି:**

☐ ଭଲ ସ୍ଥିତିରେ
☐ ସାମାନ୍ୟ କ୍ଷତିଗ୍ରସ୍ତ
☐ ଅଧିକ କ୍ଷତିଗ୍ରସ୍ତ

**ପାଣ୍ଡୁଲିପି ସହ ଅନ୍ୟାନ୍ୟ ସାମଗ୍ରୀ ଅଛି କି?**

☐ ହଁ
☐ ନା

ଯଦି ହଁ, ବିବରଣୀ:........................................................................................

**ପାଣ୍ଡୁଲିପିର ଫଟୋ/ଡିଜିଟାଲ କପି ଉପଲବ୍ଧ କି?**

☐ ହଁ
☐ ନା

# ମାଲିକାନା ଓ ଦାନ ସମ୍ମତି

ମୁଁ ଘୋଷଣା କରୁଛି ଯେ, ଉପରୋକ୍ତ ପାଣ୍ଡୁଲିପି/ତାଳପତ୍ର ପୋଥି ମୋର/ଆମ ସଂସ୍ଥାର ଅଧିକାରଭୁକ୍ତ ଅଟେ ଏବଂ ଏହାକୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର **ଲିଖିତ ତାଳପତ୍ର ପାଣ୍ଡୁଲିପି ସଂଗ୍ରହ, ସଂରକ୍ଷଣ ଓ ଗବେଷଣା କେନ୍ଦ୍ର**କୁ ସଂରକ୍ଷଣ, ଗବେଷଣା ଓ ଦଲିଲୀକରଣ ଉଦ୍ଦେଶ୍ୟରେ ଦାନ କରୁଛି।

ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହାର ସଂରକ୍ଷଣ, ଡିଜିଟାଇଜେସନ ଓ ଗବେଷଣାମୂଳକ ବ୍ୟବହାର ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇପାରିବ।

# ଦାତାଙ୍କ ଘୋଷଣା

ମୁଁ ଉପରୋକ୍ତ ସମସ୍ତ ତଥ୍ୟ ମୋର ଜ୍ଞାନ ଅନୁସାରେ ସତ୍ୟ ଓ ସଠିକ୍ ବୋଲି ଘୋଷଣା କରୁଛି।

**ଦାତାଙ୍କ ସ୍ୱାକ୍ଷର:** ...........................................

**ନାମ:** ...........................................................

**ତାରିଖ:** ........................................................

**ସ୍ଥାନ:** ..........................................................